# Akashvani, Sambalpur

## SAMBALPURI NEWS EVENING BULLETIN

## 24 November 2024- 7.02 pm- 7.12 pm.

*********************************************

୧- “ଦେଶର୍ ଲାଖେ ଯୁଆନ୍ ପିଲାମାନ୍‌କୁ ରାଜନୀତି ସାଙ୍ଗେ ଜୁଡ଼୍‌ବାର୍ ଲାଗି ସ୍ୱତନ୍ତ୍ର ଅଭିଯାନ୍ କରାଯିବା”- ଆକାଶ୍‌ବାଣୀର୍ ମନ୍ କି ବାତ୍‌ଥି କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଅନ୍‌ଲାଇନ୍ ଠକେଇନୁ ସତର୍କ ରହେବାର୍ ଲାଗି ଦେଲେ ପରାମର୍ଶ ।

୨- ଓଡ଼ିଶା - ଦେଶ୍‌କେ ଅତୀତନୁ ଆଏଜ୍‌ତକ୍ ଦେଇଛେ ବଳିଷ୍ଠ ନେତୃତ୍ୱ - କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ନୂଆଦିଲ୍ଲୀ ଠାନେ ଓଡ଼ିଶା ପର୍ବର ଉଦ୍‌ଯାପନୀ ସମାରୋହଥି ଦେଲେ ଯୋଗ୍ ।

୩- ସୁନ୍ଦର୍‌ଗଡ଼୍ ନ ୨୦ ଲାଖ୍ ମହିଳାଙ୍କୁ ସୁଭଦ୍ରା ଯୋଜ୍‌ନାର୍ ୩ ନମ୍ବର୍ ଖେପ୍ ଟଙ୍କା ବାଂଟ୍‌ଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ବିଧାନ୍‌ସଭାର୍ ଶୀତ୍‌କାଲୀନ୍ ଅଧିବେଶନ୍ ଆଘୋନୁ ଆଏବା କାଏଲ୍ ବସ୍‌ବା ସର୍ବଦଲୀୟ ବୈଠକ୍ ।

ମନ୍ କି ବାତ୍         ଆର୍ଏନ୍ୟୁ/ କଟକ୍

ରାଜନୈତିକ୍ ପୃଷ୍ଠଭୂମି ନାଇଁଥିବାର୍ ପରିବାର୍ର ଯୁଆନ୍ ପିଲାଙ୍କୁ ରାଜ୍ନୀତିଥି ଯୋଗ୍ ଦେବାର୍ ଲାଗି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ୍ ଦେଇଛନ୍ । ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ର ଶହେ ୧୬ ନମ୍ବର୍ ସଂସ୍କରଣ୍ଥି ଦେଶର୍ ଲୋକ୍ମାନ୍କୁ ସମ୍ବୋଧନ୍ କରିକରି ଶ୍ରୀ ମୋଦୀ କହିଛନ୍ ଯେ, ଦେଶର୍ ପାଖାପାଖି ଲାଖେ ଯୁଆନ୍ ପିଲାଙ୍କୁ ରାଜନୀତି ସାଙ୍ଗେ ଜୁଡ଼୍ବାର୍ ଲାଗି ଆଏବା କିଛି ମାସ୍ ଭିତ୍ରେ ସ୍ୱତନ୍ତ୍ର ଅଭିଯାନ୍ର ଆୟୋଜନ୍ କରାଯିବା । ଆଏବା ବଛର୍ ସ୍ୱାମୀ ବିବେକାନନ୍ଦଙ୍କର୍ ଶହେ ୬୨ ନମ୍ବର୍ ଜୟନ୍ତୀ ପାଲନ୍ ଅବ୍ସରେ ଦିଲ୍ଲୀ ନ ବିକଶିତ୍ ଭାରତ୍ ଯୁବ ନେତା ବାର୍ତାଲାପ ବାବ୍ଦେ ଗୁଟେ କାର୍ଯ୍ୟକ୍ରମ୍ ହେବା । ସ୍ୱାମୀଜୀଙ୍କର୍ ଜୟନ୍ତୀ ଅବ୍ସରେ ଫି ବଛର୍ ଜାନୁଆରୀ ୧୨ ତାରିଖ୍କେ ଦେଶେ ଯୁବ ଦିବସ୍ ଭାବେ ପାଲନ୍ କରାଯାଏସି । ତୃଣମୂଳସ୍ତର୍ନୁ ବଛାହେଇଥିବା ୨ ହଜାର୍ ଯୁଆନ୍ ପିଲା ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ଇ ଅବ୍ସରେ ଜମା ହେବେ ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍ମନ୍ତ୍ରୀ)

ଅନ୍‌ଲାଇନ୍ ଠକେଇନୁ ସତର୍କ ରହେବାର୍ ଲାଗି ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ । ଡିଜିଟାଲ୍ ଲାଇଭ୍ ସାର୍ଟିଫିକେଟ୍ ବାବ୍‌ଦେ ସେ କହିଛନ୍ ଯେ, ଇଟା ଅଏତ୍‌କା ସରଲ୍ ହେଇପାରିଛେ ।

ଏଛେନ୍‌ତକ୍ ଡିଜିଟାଲ୍ ଲାଇଭ୍ ସାର୍ଟିଫିକେଟ୍ ପାଇଥିବାର୍ ଲୁକ୍‌କର୍ ସଂଖ୍ୟା ୮୦ ଲାକ୍ ପାର୍ କରିଛେ । ସେମାନ୍‌କର୍ ଭିତ୍‌ରୁ ୮୦ ବଛର୍ ବୟସର୍ ୨ ଲାଖ୍ ନୁ ଅଏତ୍‌କା ଲୋକ୍ ଥିବାର୍ ଜନାପଡ଼ିଛେ । ବୟସ୍କ ଲୁକ୍‌କୁ ଅନ୍‌ଲାଇନ୍ ଠକେଇନୁ ଦୂରେଇ ରଖିବାର୍ ଲାଗି ଯୁଆନ୍ ପିଲାମାନେ ଆଗେଇ ଆସ୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ଆଏଜ୍ ଏନ୍‌ସିସି ଦିବସ୍ ପାଲନ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଏନ୍‌ସିସି ଥି ବାଲିକା କେଡ଼େଟ୍‌ଙ୍କର୍ ସଂଖ୍ୟା ୪୦ ପ୍ରତିଶତ୍‌କେ ବଢ଼ିଛେ । ଏନ୍‌ସିସିକେ ବର୍‌କସ୍ କର୍‌ବାର୍ ଲାଗି ନିରନ୍ତର୍ ପ୍ରୟାସ୍ ଜାରି ରହିଛେ । ଦେଶର୍ ୫ ହଜାର୍ ନୂଆଁ ବିଦ୍ୟାଲୟ ଆଉ ମହାବିଦ୍ୟାଲୟ ନ ଏନ୍‌ସିସି ସାମିଲ୍ କରାଯାଇଛେ । ଏଛେନ୍ ୨୦ ଲାଖ୍‌ନୁ ଅଏତ୍‌କା ଯୁଆନ୍ ପିଲା ଟୁକେଲ୍ ଏନ୍‌ସିସିଥି ସାମିଲ୍ ଅଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଦେଶର୍ ପ୍ରାଚୀନ ସାମୁଦ୍ରିକ ସାମର୍ଥ୍ୟ ବାବ୍‌ଦେ ପ୍ରମାଣ୍‌କେ ସୁରକ୍ଷିତ୍ କରି ରଖିବାର୍ ଲାଗି ଗୁଟେ ଅଭିଯାନ୍ ଚାଲିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇଥିର୍‌ଲାଗି ଲୋଥଲ୍ ଠାନେ ଗୁଟେ ବଡ଼ ସଂଗ୍ରହାଲୟ ତିଆର୍ କରାଯାଇଛେ । ଜୈବ ବିବିଧତା ବଜାୟ

ରଖ୍‌ବାର୍‌ଥି ଚିଙ୍ଗ୍‌ଡ଼ି ଗୁଟେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେସି । ସହରିକରଣ୍ ବଢ଼୍‌ବାର୍ ଲାଗି ଚିଙ୍ଗ୍‌ଡ଼ି ପରିମାଣ୍ କମୁଥିବାର୍ ନେଇକରି ପ୍ରଧାନ୍‌ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ୍ କରିଛନ୍ ।

ପ୍ରାଣୀ ସମ୍ପଦ୍‌ର ସୁରକ୍ଷା ଲାଗି ଦେଶର୍ ଭିନ୍ ଭିନ୍ ଜାଗା ନ ନିଆଯାଉଥିବା ପଦକ୍ଷେପ୍ ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ ଆଲୋକପାତ କରିଛନ୍ । ଏକ୍ ପେଡ଼୍ ମା କେ ନାମ୍ ଅଭିଯାନ୍‌ଥି ୫ ମାସ୍ ଭିତ୍‌ରେ ଶହେ କୋଟି ଚାରାରୋପଣ୍ କର୍‌ବାର୍‌ଟା ଉଲ୍ଲେଖନୀୟ କାମ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇଥି ଭାଗ୍ ନେଇଥିବାର୍‌ନୁ ଦେଶ୍‌ବାସୀଙ୍କୁ ସେ ଶୁଭେଚ୍ଛା ଜନେଇଛନ୍ । ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ୍ ସର୍‌କାରୀ କାର୍ଯ୍ୟାଳୟ ମାନ୍‌କେ ଫଳପ୍ରଦ ପରିବର୍ତନ୍ ଆନିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଦେଶେ ବର୍ଜ୍ୟବସ୍ତୁ ନୁ ଆୟ ବହୁତ୍ ପୁରାତନ୍ ଆଏ । ଗୁଟେ ସ୍ଥାୟୀ ଜୀବନ୍‌ଶୈଳୀକେ ଇଟା ପ୍ରୋତ୍ସାହନ୍ ଦେସି । ଇ ଦିଗେ କାମ୍ କରୁଥିବା ସଂଗଠନ୍ ଆଉ ଯୁବବର୍ଗଙ୍କୁ ପ୍ରଧାନ୍‌ମନ୍ତ୍ରୀ ପ୍ରଶଂସା କରିଛନ୍ ।

ଓଡ଼ିଶା ପର୍ବ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ଦେଶ୍‌କେ ଅତୀତ୍‌ନୁ ଆଏଜ୍‌ତକ୍ ବଳିଷ୍ଠ ନେତୃତ୍ୱ ଦେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର୍ ଜବାହାର୍‌ଲାଲ୍ ନେହେରୁ ଷ୍ଟାଡ଼ିୟମ୍ ନ ଚାଲିଥିବା

ଓଡ଼ିଶା ପର୍ବ ୨୦୨୪ର ଉଦ୍‌ଯାପନୀ ସମାରୋହରେ ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ବିକଶିତ୍ ଭାରତ୍‌ର ସପନ୍ ପୁରା ହେବାର୍ ଲାଗି ଓଡ଼ିଶା ସାମୁଦ୍ରିକ ଶକ୍ତିର ଭୂମିକା ମହତ୍ତ୍ୱପୂର୍ଣ୍ଣ । କଟକ୍ ବାଲିଯାତ୍ରା ଭାରତ୍ ଆର୍ ଓଡ଼ିଶା ନ ସାମୁଦ୍ରିକ ସାମର୍ଥ୍ୟର ପ୍ରତୀକ । ସେ କହିଛନ୍ ଯେ, ଅଲ୍‌ଗା ଲୁକର୍ ସେବା କର୍‌ବାର୍‌ଟା ହେଉଛେ ଓଡ଼ିଶାର୍ ସଂସ୍କୃତି । ଓଡ଼ିଶା ସନ୍ଥ ଆଉ ବିଦ୍ୱାନ୍‌ଙ୍କର୍ ଭୂମି ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ସୁଭଦ୍ରା ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସୁନ୍ଦର୍‌ଗଡ୍ ନ ସୁଭଦ୍ରା ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ପହେଲା କିସ୍ତି ୩ ନମ୍ବର୍ ଖେପ୍ ସହାୟତା ଟଙ୍କା ଦେଇଛନ୍ । ୨୦ ଲାଖ୍ ନୁ ଅଏତ୍‌କା ହିତାଧିକାରୀଙ୍କୁ ଇ ଟଙ୍କା ଦିଆଯାଇଛେ । ଗଲା ସେପ୍ଟେମ୍ବର୍ ମାସ ୧୭ ତାରିଖିନୁ ଓଡ଼ିଶା ନ ମୁଲ୍ ହେଇଥିବା ସୁଭଦ୍ରା ଯୋଜ୍‌ନାଥି ୨ ଟା ଖେପେ ୬୦ ଲାଖ୍ ମହିଲାଙ୍କୁ ୫ ହଜାର୍ ଟଙ୍କା ଲେଖା ଆର୍ଥିକ୍ ସାହାଜ୍ ଦିଆଯାଇଛେ । ପହେଲା କିସ୍ତିର ୩ ନମ୍ବର୍ ଖେପେ ଆଏଜ୍ ରାଜ୍ୟର୍ ସବୁ ଅଙ୍ଗନବାଡ଼ି କର୍ମୀଙ୍କୁ ସାମିଲ୍ କରାଯାଇକରି ଆର୍ଥିକ୍ ସାହାଜ୍ ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା

ବୁଧବାର୍‌ତକ୍ ୧ କୋଟି ୧୬ ଲାଖ୍ ମହିଳା ସୁଭଦ୍ରା ଯୋଜ୍‌ନାଥି ଆର୍ଥିକ୍ ସାହାଜ୍ ପାଏବାର ଲାଗି ଆବେଦନ୍ କରିଥିଲେ ।

ବିଧାନ୍‌ସଭାର୍ ଶୀତକାଲୀନ୍ ଅଧିବେଶନ/ ଆର୍‌ଏନ୍‌ୟୁ ସମ୍ବଲପୁର

ବିଧାନ୍‌ସଭାର୍ ଶୀତକାଲୀନ୍ ଅଧିବେଶନ୍‌ର ଆଘୋନୁ ଆଏବା କାଏଲ୍ ସର୍ବଦଲୀୟ ବୈଠକ୍ ହେବା । ଇତାର୍ ଆଘୋନୁ ଆଏବା କାଏଲ୍ ଦିନର୍ ୧୦ ବଜେ ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ସର୍ବଦଲୀୟ ବୈଠକ୍ ବସ୍‌ବା । ବୈଠକ୍‌ଥି ଗୃହ କାମ୍ କେନ୍ତା ସୁରୁଖୁରୁଥି ଚାଲ୍‌ବା ସେ ବିଷେ ବାଚସ୍ପତି ସୁରମା ପାଢ଼ୀ ସବୁ ଦଲର୍ ବିଧାୟକ୍‌ମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବେ । ଅଧିବେଶନ୍‌ଥି ଗୃହର୍ କାମ୍ ବିଧି ଅନ୍‌ସାରେ ହେବା ବଲି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ । ସେନ୍ତା ଆଏବା କାଏଲ୍ ବିଜେପି, ବିଜେଡ଼ି ଆର୍ କଂଗ୍ରେସ୍‌ର୍ ବିଧାୟକ୍ ଦଲର୍ ବୈଠକ୍ ଭିଲ୍ ବସ୍‌ବା ବଲି ଜନାପଡ଼ିଛେ । ଇ ଅଧିବେଶନ୍ ଆଏବା ଡିସେମ୍ବର୍ ୩୧ ତାରିଖ୍‌ତକ୍ ଚାଲ୍‌ବା । ଇଥି ୩୦ ଟା କାର୍ଯ୍ୟଦିବସ୍ ରହିଛେ । ପହେଲା ଦିନ ୨୦୨୪ -୨୫ ଆର୍ଥିକ୍ ବଛର୍ ଲାଗି ପହେଲା ଅତିରିକ୍ତ ବଜେଟ୍ ଉପସ୍ଥାପନ୍ ହେବା ବଲି ଜନାପଡ଼ିଛେ ।

ବସୁନ୍ଧରା ଯୋଜ୍ନା- ଝାର୍ସୁଗୁଡ଼ା        ଝାର୍ସୁଗୁଡ଼ା ସମ୍ବାଦଦାତା

ଝାର୍ସୁଗୁଡ଼ା ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟ ନ ବସୁନ୍ଧରା ଯୋଜ୍ନାଥି ଝାର୍ସୁଗୁଡ଼ା ଆର୍ ଲଖନ୍ପୁର୍ ବ୍ଲକ୍ର ଜମି ନାଇଁଥିବା ପରିବାର୍ଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆର୍ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଘର୍ଡିହ ପଟ୍ଟା ଦେଇଛନ୍ । ଇ ଅବ୍ସରେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍ଥି ଉପମୁଖ୍ୟମନ୍ତ୍ରୀ ଆଉ ରାଜସ୍ୱ ମନ୍ତ୍ରୀ ଝାର୍ସୁଗୁଡ଼ାର୍ ୭୧ ଟା ପରିବାର୍ ଆର୍ ଲଖନ୍ପୁର୍ର ୪୯ ଟା ପରିବାର୍କେ ଘରଡିହ ଜମିପଟ୍ଟା ବାଂଟିଛନ୍ । ଇ ଅବ୍ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମହିଳା, ଯୁଆନ୍ ପିଲା, ଚାଷୀ ଆଉ ଗରିବ୍ ସବୁ ବର୍ଗର୍ ଲୁକ୍କୁ ସାଙ୍ଗେ ନେଇକରି ଆଗ୍କେ ବଢ଼୍ବାର୍ ଦର୍କାର୍ ରହିଛେ ବଲି କହିଥିଲେ । କାର୍ଯ୍ୟକ୍ରମ୍ଥି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ହୀରାକୁଦ୍ ନଦୀବନ୍ଧଥି ଘର୍ ହରେଇଥିବା ପରିବାର୍ ଆଉ ବସୁନ୍ଧରା ଯୋଜ୍ନାଥି ସବୁ ଯୋଗ୍ୟ ହିତାଧିକାରୀମାନ୍କୁ ୨୦୨୪ ଶେଷ୍ତକ୍ ଜମି ଯୁଗେଇ ଦିଆଯିବା ବଲି କହିଥିଲେ ।

ଏନ୍ସିସି ଦିବସ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ମାନ୍‌କେ ସମର ଶିକ୍ଷାର୍ଥୀ ବାହିନୀ ପ୍ରତିଷ୍ଠା ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍‌ର ଏନ୍‌ସିସି ପତାକା ଉତୋଲନ୍ ଆର୍ ପେରେଡ୍ ହେଇଯାଇଛେ । ବୌଦ୍ଧ ପଂଚାୟତ୍ ମହାବିଦ୍ୟାଳୟ, ଜେଡ଼ି ହାଇସ୍କୁଲ୍, ସର୍‌କାରୀ ବାଲିକା ହାଇସ୍କୁଲ୍‌ର ଏନ୍‌ସିସି ଛାତ୍ରଛାତ୍ରୀମାନେ ଗୁଟେ ଶୋଭାଯାତ୍ରାଥି ସହର୍ ପରିକ୍ରମା କରିଥିଲେ ।

ନୂଆପଡ଼ା-ରାଜ୍ୟସ୍ତରୀୟ ଆଲୋଚନାଚକ୍ର ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍‌ର ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନ 'ଉଚ୍ଚଶିକ୍ଷାରେ ଜାତୀୟ ଶିକ୍ଷାନୀତି-୨୦୨୦ ର ପ୍ରାୟୋଗିକ ଅଭିଲକ୍ଷ୍ୟ' ଶୀର୍ଷକ୍ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ହେଇଯାଇଛେ । ମହାବିଦ୍ୟାଳୟର୍ ଅଧ୍ୟକ୍ଷ ଡକ୍ଟର୍ ଅକ୍ଷୟ କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ଆଲୋଚନାଚକ୍ରଥି ନୂଆଦିଲ୍ଲୀର ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ୍ ଆଉ ପ୍ରଶିକ୍ଷଣ ପରିଷଦ୍‌ର ପ୍ରଫେସର୍ ଅଶୋକ୍ ଡନ୍‌ସନା ଆଭାସୀ ଜରିଏ ଯୋଗ୍ ଦେଇକରି ଜାତୀୟ ଶିକ୍ଷାନୀତି -୨୦୨୦ ର ରୂପରେଖ ଆର୍ ବେଭାର୍ ବାବ୍‌ଦେ ଆଲୋଚନା କରିଥିଲେ ।

ଧବଳେଶ୍ୱର୍ ପ୍ରିମିୟର୍ ଲିଗ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ ବନ୍ଧଗୋରା ଖେଲ୍‌ପଡ଼ିଆ ନ ଧବଳେଶ୍ୱର୍ ପ୍ରିମିୟର୍ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ମୁଲ୍ ହେଇଛେ । ଉଦ୍‌ଘାଟନୀ ଖେଲ୍‌ଥି ମୁନ୍‌ଷ୍ଟାର୍ ଏକାଦଶ ଆଉ ଆଶିଷ୍ ମୋବାଇଲ୍ ଭିତ୍‌ରେ ହେଇଥିବା ଖେଲ୍‌ଥି ମୁନ୍‌ଷ୍ଟାର୍ ଏକାଦଶ ଦଲ୍ ୫୫ ରନ୍‌ଥି ଜିତିଛେ । ମୁନ୍‌ଷ୍ଟାର୍ ଏକାଦଶ ଦଲ୍ ଧାରିଜ୍ ୧୦ ଓଭର୍‌ଥି ଶହେ ୨୫ ରନ୍ କରିଥିବାର୍ ବେଲେ ଇତାର୍ ଜବାବ୍‌ଥି ଆଶିଷ୍ ମୋବାଇଲ୍ ୭୦ କରିପାରିଥିଲା ।

ନୌସେନା ଦିବସ୍- ପୁରୀ ପ୍ରେସ୍ ରିଲିଜ୍

ଭାରତୀୟ ନୌସେନା ତର୍‌ଫୁ ପୁରୀ, ବ୍ଲୁ ଫ୍ଲାଗ୍ ବିଚ୍ ନ ନୌସେନା ଦିବସ୍ ଆଏବା ମାସ ୪ ତାରିଖ୍ ଦିନ ପାଲନ୍ କରାଯିବା । ଇଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ସହେତେ ବହୁତ୍‌ଟେ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ଥିବାର୍‌ନୁ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ସୁରକ୍ଷା ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ । ରାଷ୍ଟ୍ରପତି ଶ୍ରୀମନ୍ଦିର୍ ଯାଇକରି ମାହାପୁରୁଙ୍କର୍ ଦର୍ଶନ୍ ଆର୍ ପଛେ ଗୋପବନ୍ଧୁ ମହାବିଦ୍ୟାଲୟର୍ ହୀରକ୍ ଜୟନ୍ତୀ ଉତ୍ସବ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇତାର୍ ଉତ୍‌ରୁ

ରାଷ୍ଟ୍ରପତି ନୌସେନା ଦିବସ୍ ପାଲନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ନୌସେନା ତର୍‌ଫୁ ଯୁଦ୍ଧ ଜାହାଜ୍ ସହେତେ ଏୟାର୍‌କ୍ରାଫ୍ଟ ସୋ ଆର୍ କମାଣ୍ଡୋ ଅପରେସନ୍‌ର ପରାକ୍ରମ ପ୍ରଦର୍ଶିତ ହେବା । ସୁରକ୍ଷା ଆଉ ଶୃଙ୍ଖଲିତ୍ ଟ୍ରାଫିକ୍ ବ୍ୟବସ୍ଥା ନେଇକରି ୮୦ ପ୍ଲାଟୁନ୍ ଫୋର୍ସ ୩ ଶହ ଅଧିକାରୀ ମୁତୟନ୍ ହେବେ ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ଶ୍ରୀ ଖୁରାନିଆ କହିଛନ୍ । ସେନ୍ତା ଭୁବ୍‌ନେଶ୍ୱର୍‌ନୁ ପୁରୀ ଭିତ୍‌ରେ ବ୍ୟାପକ ଟ୍ରାଫିକ୍ ବ୍ୟବସ୍ଥା ସହେତେ ସିସିଟିଭି କେମ୍‌ରା ଲଗାଯାଇକରି ଇଟାକେ ନିୟନ୍ତ୍ରଣ୍ କରାଯିବା । ସହର୍ ଭିତ୍‌ରେ ଟ୍ରାଫିକ୍ ବ୍ୟବସ୍ଥା ସମୀକ୍ଷା କରାଯାଇଥିବାର୍ ବେଲେ ଆଏଜ୍ ପୁଲିସ୍ ମହାନିର୍ଦ୍ଦେଶକ୍ ଶ୍ରୀ ଖୁରାନିଆ ସବୁ ଇଲାକା ବୁଲିକରି ଦେଖିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା ମଙ୍ଗଲ୍‌ବାର୍‌ତକ୍ ରାତିର୍ ତାପମାତ୍ରା ନାଇଁ ବଦ୍‌ଲେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ତାର୍‌ପରେ ୩ ଦିନ୍ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବା । କନ୍ଧମାଲ୍, କୋରାପୁଟ୍, କଲାହାଣ୍ଡି ଆର୍ ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ ପାହାଡ଼ିଆ ଆର୍ ସମତଳ ଇଲାକାମାନ୍‌କେ ଶୀତ୍ ସାମାଏନ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।